# ଗ୍ରାମୀଣ କୃଷି ମୌସମ ସେବା, କେନ୍ଦୁଝର
# ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର

ସପ୍ତାହ -09 ତାରିଖ- 27.02.2024

## ପାଣିପାଗ ଭିତ୍ତିକ କୃଷି ଉପଦେଶ – କେନ୍ଦୁଝର ଜିଲ୍ଲା ନିମନ୍ତେ

ଆସନ୍ତା ପାଞ୍ଚ ଦିନ ମଧ୍ୟରେ **ହାଲୁକା ବର୍ଷା ହେବାର ସମ୍ଭାବନା ଅଛି।** ପବନ ର ବେଗ **5-8** କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା **31-332** ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା **19-20** ଡିଗ୍ରୀ ରହିବାର ସମ୍ଭାବନା ରହିଛି।

| | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| KENDUJHARGARH | 28-02-2024 | 6 | 31 | 19 | 6 | 68 | 33 | 5 | 180 |
| | 29-02-2024 | 0 | 32 | 20 | 2 | 59 | 28 | 7 | 68 |
| | 01-03-2024 | 2 | 32 | 20 | 4 | 74 | 21 | 6 | 146 |
| | 02-03-2024 | 0 | 33 | 20 | 0 | 68 | 23 | 6 | 158 |
| | 03-03-2024 | 0 | 33 | 20 | 2 | 56 | 21 | 8 | 210 |

**ସାଧାରଣ ପରାମର୍ଶ :**

- କ୍ଷେତ ରେ ରୋଗ ପୋକ ର ସଠିକ ଭାବରେ ନିରୀକ୍ଷଣ କରନ୍ତୁ।
- ବର୍ତମାନ ପାଉଁଶିଆ ରୋଗ ଏବଂ ଜଉ ପୋକ ର ପ୍ରାଦୁର୍ଭାବ ଦେଖା ଦେଇ ପାରେ।
- ସିଂଚନ କାର୍ଯକଳାପ ଆଗାମୀ ଦିନରେ ପୁନର୍ବାର ଆରମ୍ଭ କରି ପାରିବେ।
- ପନିପରିବା ଅମଳ କରିସାରିଲା ପରେ ଶୁଖିଲା ସ୍ଥାନ ରେ ରଖନ୍ତୁ।

**ବୁଟ:**

- ବୁଟ ବର୍ତମାନ ଫୁଲ ଏବଂ ଫଳ ବନିବା ଅବସ୍ଥା ରେ ଅଛି।
- ଜମି ଶୁଖିଲା ଥିଲେ, ଜଳ ସେଚନ କରନ୍ତୁ।
- କ୍ଷେତ ରୁ ଘାସ ବାଛି ଦିଅନ୍ତୁ।
- ବୁଟ ରେ ପତ୍ର ଦାଗ ର ନିୟନ୍ତ୍ରଣ ପାଇଁ Mancozeb @ 2.5 g/lt ପାଣିରେ ମିଶାଇ ସିଂଚନ କରନ୍ତୁ।
- ପାଉଁସିଆ ରୋଗ ର ନିୟନ୍ତ୍ରଣ ପାଇଁ Dithane- M 45 @ 2.5 g/lt କିମ୍ଵା ସଲଫର ପାଉଡର ବ୍ୟବହାର କରନ୍ତୁ।

**ସୋରିଷ:**

- ସୋରିଷ ରେ ପାଉଁସିଆ ରୋଗ କୁ ନିୟନ୍ତ୍ରଣ କରିବା ପାଇଁ ସଲଫର ପାଉଡର କିମ୍ଵା କାରାଥେନ (Karathane) ର ସିଂଚନ କରନ୍ତୁ।
- ଜଉପୋକ ର ଦମନ ପାଇଁ Methyl Demeton @ 0.02% ଅଥବା ଇମିଡିକ୍ଲୋପ୍ରିଡ (Imidachloprid) @ 2 g ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ପେଶୀ :**

- ପେଶୀ ବର୍ତମାନ ଫଳ ପାଚିବା ସ୍ଥିତି ରେ ଅଛି।
- ଯେତେ ବେଳେ ଫଳ ପୂର୍ଣଭାବରେ ମାଟିଆ ରଙ୍ଗର ହୋଇଯିବ, ସେତେ ବେଳେ ଅମଳ କରନ୍ତୁ।
- ଜଉପୋକ ର ଦମନ ପାଇଁ Imidachloprid କିମ୍ଵା Acephate @ 2 g/lt ପାଣିରେ ମିଶାଇ ସିଂଚନ କରନ୍ତୁ।
- ନିର୍ମୂଳୀ ଘାସ ଦେଖା ଗଲେ ଶୀଘ୍ର କାଢିକି ଫୋପାଡି ଦିଅନ୍ତୁ।

**ପନିପରିବା :**

- **ବାଇଗଣ:**
- ପାକଳ ହୋଇଯାଇଥିବା ବାଇଗଣକୁ ତୋଳି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- କାଣ୍ଡ ଓ ଫଳ ବିନ୍ଧା ପୋକ କୁ ନିୟନ୍ତ୍ରଣ କରିବା ପାଇଁ Emamectin benzoate @ 4 g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।
- ବାଇଗଣ ରେ ଛୋଟ ପତ୍ର ଦେଖା ଗଲେ Methyl Demeton 30 EC @ 1 ml/lt ବ୍ୟବହାର କରନ୍ତୁ।
- ପତ୍ର ଦାଗ ର ନିୟନ୍ତ୍ରଣ ପାଇଁ Carbendazim @ 2 g ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

- **ଟମାଟୋ:**
- ଘାସ ବାଛି ଦିଅନ୍ତୁ ଏବଂ ଜମି କୁ ସଫା ରଖନ୍ତୁ।
- ଗଛ ଶାଖାରେ ଅଧିକା ରୋଗ ଲାଗିଥିଲେ, ଶାଖା କୁ ଛିଡେଇ ଫୋପାଡି ଦିଆନ୍ତୁ।
- ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Flubendiamide @ 5 g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ଫୁଲକୋବି:**
- ପତ୍ର ଦାଗ ର ନିୟନ୍ତ୍ରଣ ପାଇଁ Mancozeb 75% WP @ 600 ml ପ୍ରତି ଏକର ସିଂଚନ କରନ୍ତୁ।
- Diamond back moth ର ନିୟନ୍ତ୍ରଣ ପାଇଁ Cartap hydrochloride @ 1 g/lt ବ୍ୟବହାର କରନ୍ତୁ।
- ଫଲ ଆର୍ମି ୱର୍ମ କିମ୍ବା ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Emamectin benzoate 5% SG @ 4-5 g/10lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ବନ୍ଧାକୋବି:**
- ବର୍ତମାନ ପାଗ ରେ (ଅଧିକା ଆଦ୍ରତା ଏବଂ ମେଘୁଆ ପାଗ ) ପତ୍ର ଦାଗ ରୋଗ ହେବାର ସମ୍ଭାବନା ଅଧିକା। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ Mancozeb କିମ୍ବା Carbendazim @ 2 g/lt ପାଣିରେ ସିଂଚନ କରନ୍ତୁ।

- **କଖାରୁ ଜାତୀୟ ଫସଲ:**
- **ରେଡ ପମ୍ପକିନ ବୀଟେଲ** କୁ ନିୟନ୍ତ୍ରଣ କରିବା ପାଇଁ neem oil @ 600 ml ପ୍ରତି ଅକର ସିଂଚନ କରନ୍ତୁ।
- ପାଉଁସିଆ ରୋଗ ର ନିୟନ୍ତ୍ରଣ ପାଇଁ ସଲଫର ପାଉଡର ସିଂଚନ କରନ୍ତୁ।

- **ଲଙ୍କା:**
- ପତ୍ରମୋଡା ରୋଗ ର ନିୟନ୍ତ୍ରଣ ପାଇଁ Imidachloprid 17.8% SL @ 3 ml/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।

**ଫୁଲ:**

- **ଗେଣ୍ଡୁ:**
- ଘାସ ବାଛି ଗଛ ମୂଳ କୁ ସଫା ରଖନ୍ତୁ।
- ଜଳ ସିଂଚନ କରନ୍ତୁ। ଏହା ଦ୍ୱାରା ଫୁଲ ସତେଜ ରହିବ।
- ମିଳି ବଗ ର ଦମନ ପାଇଁ Profenophos କିମ୍ବା Dimethoate @ 2 ml/lt ସିଂଚନ କରନ୍ତୁ।

- **ଗୋଲାପ:**
- ଦହିୟା ପୋକ (Mealy bug) ର ନିୟନ୍ତ୍ରଣ ପାଇଁ ସାବୁନ ଫେଣ କିମ୍ବା ନିମ୍ବ ର ସିଂଚନ କରନ୍ତୁ।
- ଦହିୟା ପୋକ ର ପ୍ରକୋପ ଅଧିକା ଦେଖା ଗଲେ, ଡାଳ କୁ ଭାଙ୍ଗି ଗଛରୁ ଦୂରରେ ପକେଇ ଦିଅନ୍ତୁ।
- ଗଛ ମୂଳରୁ ଘାସ ବାଛି ମୂଳ ସଫା ରଖନ୍ତୁ ଏବଂ ଜଳ ସେଚନ କରନ୍ତୁ।

**TECHNICAL OFFICER**

---

ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଲିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**